# NATIONAL NEWS BULLETIN (ODIA)

## 2 September - 2025

## Morning Bulletin : 7.15 A.M.

**********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀର ଯଶୋଭୂମିରେ ଆଜି ତିନି ଦିନିଆ ସେମିକନ୍ ଇଣ୍ଡିଆ ୨୦୨୫ ସମ୍ମିଳନୀକୁ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ଭାରତ-ରୁଷ ସମ୍ପର୍କ ଏବଂ ୟୁକ୍ରେନ୍ ସଂଘର୍ଷର ସମାଧାନ ନେଇ ପ୍ରଧାନମନ୍ତ୍ରୀ ମୋଦୀ ଓ ରାଷ୍ଟ୍ରପତି ପୁତିନ୍‌ଙ୍କ ମଧ୍ୟରେ ଆଲୋଚନା ସଫଳ ।
- ଡିଜିଟାଲ୍ ପୋଷ୍ଟାଲ୍ ଇଣ୍ଡେକ୍ସ ନମ୍ବର ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ବୁଝାମଣାପତ୍ରରେ ସ୍ୱାକ୍ଷର କଲା ଭାରତୀୟ ଡାକସେବା ବିଭାଗ ।
- ଶିକ୍ଷା ବ୍ୟବସ୍ଥାରେ କୃତ୍ରିମ ବୁଦ୍ଧିମତାର ପ୍ରଚଳନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଏବଂ

- ପୁରୁଷ ଏସିଆକପ୍ ହକି ଚାମ୍ପିୟନ୍‌ସିପ୍‌ରେ ୧୫-୦ ଗୋଲ୍‌ରେ କାଜାଖସ୍ତାନକୁ ପରାସ୍ତ କଲା ଭାରତ ।

## ପିଏମ୍-ସେମିକନ୍ ଇଣ୍ଡିଆ

ନୂଆଦିଲ୍ଲୀର ଯଶୋଭୂମିରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେମିକନ୍ ଇଣ୍ଡିଆ ୨୦୨୫ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଏହି ତ୍ରିଦିନିଆ ସମ୍ମିଳନୀ ଦେଶରେ ଏକ ଦୃଢ଼, ସ୍ଥିର ଏବଂ ସ୍ଥାୟୀ ସେମିକଣ୍ଡକ୍ଟର ଇକୋ ସିଷ୍ଟମ୍‌କୁ ଆଗକୁ ବଢ଼ାଇବା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବ । ସମ୍ମିଳନୀରେ ସ୍ମାର୍ଟ୍ ଉତ୍ପାଦନ, ଗବେଷଣା, ବିକାଶ ଏବଂ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ନିବେଶ ସୁଯୋଗ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଅଧିବେଶନ ଅନୁଷ୍ଠିତ ହେବ । ଆସନ୍ତାକାଲି ମଧ୍ୟ ପ୍ରଧାନମନ୍ତ୍ରୀ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀମାନଙ୍କ ଗୋଲଟେବୁଲ୍ ବୈଠକରେ ଅଂଶଗ୍ରହଣ କରିବେ । ଏହି ସମ୍ମିଳନୀରେ ୪୮ଟି ଦେଶରୁ ୨ହଜାର ୫୦୦ରୁ ଅଧିକ ପ୍ରତିନିଧିଙ୍କ ସମେତ ୨୦ ହଜାରରୁ ଅଧିକ ଲୋକ ଯୋଗଦେବେ । ଏଥିରେ ୬ଟି ଦେଶ ଗୋଲଟେବୁଲ୍ ଆଲୋଚନା କରିବାକୁ ଥିବା ବେଳେ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ସାମିଲ ହେବେ । ଏହି ସମ୍ମିଳନୀ ଆଗାମୀ ଦିନରେ ଦେଶରେ ସେମିକଣ୍ଡକ୍ଟରର ବିଭିନ୍ନ କ୍ଷେତ୍ରକୁ ଆହୁରି ବିକଶିତ ଏବଂ ପାରିଦର୍ଶୀ କରିବ ବୋଲି କୁହାଯାଇଛି ।

# ପିଏମ୍ ମୋଦୀ-ପୁଟିନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ଉଭୟ ଦେଶ ମଧ୍ୟରେ ଥିବା ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଦୃଢ଼ କରିବା ଲାଗି ଆଲୋଚନା କରିଛନ୍ତି । ସାଂଘାଇ ସହଯୋଗ ବୈଠକ ଶିଖର ସମ୍ମିଳନୀ ସମୟରେ ଉଭୟ ନେତା ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ସମସ୍ୟା ଗୁଡ଼ିକର ସମାଧାନ ଦିଗରେ ଭାରତ ଏବଂ ରୁଷର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ଦୋହରାଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ରୁଷ ସହିତ କେବଳ ଭାରତର ବ୍ୟବସାୟିକ ସମ୍ପର୍କ ନୁହେଁ ବରଂ ବିଭିନ୍ନ କ୍ଷେତ୍ରରେ ବିଶ୍ୱକୁ ଏକ ଦୃଢ଼ ମଞ୍ଚ ପ୍ରଦାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

**V/O-PM Modi On peace**

ୟୁକ୍ରେନ୍ ଚାଲିଥିବା ସଂଘର୍ଷର କିଭଳି ଶାନ୍ତିପୂର୍ଣ୍ଣ ଉପାୟରେ ସମାଧାନ ହେବ, ତା ଉପରେ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଭାରତ ସବୁ ସମୟରେ ଶାନ୍ତି ସ୍ଥାପନ ପାଇଁ ହେଉଥିବା ଉଦ୍ୟମକୁ ସ୍ୱାଗତ କରିଆସୁଛି ।

**V/O-PM Modi Putin On Ukraine**

## ରାଜନାଥ ସିଂହ-ପିଏମ୍-ଚାଇନା ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚୀନ୍ ଗସ୍ତକୁ ପ୍ରଶଂସା କରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ବିଶ୍ୱ ସ୍ତରରେ ଭାରତର କୂଟନୈତିକ ଏବଂ ରଣନୈତିକ ଉପସ୍ଥିତିକୁ ସୁଦୃଢ଼ କରିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ସିଂହ ପ୍ରଧାନମନ୍ତ୍ରୀଙ୍କ ସଫଳ ଚୀନ୍ ଗସ୍ତ ଦେଶର କୂଟନୈତିକ ଏବଂ ଭୂ-ରାଜନୈତିକ ବାସ୍ତବତାର ସଫଳ ପ୍ରଦର୍ଶନ ବୋଲି କହିଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ସାଂଘାଇ ସହଯୋଗ ସଂଗଠନରେ ଅଂଶଗ୍ରହଣ ବିଶ୍ୱରେ ଭାରତର ସ୍ଥିତିକୁ ଆହୁରି ସୁଦୃଢ଼ କରିଛି । ଏଥିଲାଗି ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ପିଏମ୍-ରାଜ୍ୟ ଜୀବିକା ନିଧି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ବିହାର ରାଜ୍ୟ ଜୀବିକା ନିଧି ଶାଖ ସହକାରୀ ସଂଘ ଲିମିଟେଡ୍‌ର ଶୁଭାରମ୍ଭ କରିବେ । ଏହି ପଦକ୍ଷେପ ଗ୍ରାମୀଣ ମହିଳାମାନଙ୍କ ମଧ୍ୟରେ ଉଦ୍ୟମିତା ବିକାଶ ଏବଂ ଗୋଷ୍ଠୀ ନେତୃତ୍ୱାଧୀନ ଉଦ୍ୟୋଗ ଗୁଡ଼ିକର ବିକାଶକୁ ତ୍ୱରାନ୍ୱିତ କରିବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ସମ୍ପୃକ୍ତ ପ୍ରତିଷ୍ଠାନର ବ୍ୟାଙ୍କ୍ ଆକାଉଣ୍ଟକୁ ୧୨୫ କୋଟି ଟଙ୍କା ପ୍ରଦାନ କରିବେ । ଏହି

ବ୍ୟବସ୍ଥାନରେ ଜୀବିକା ଦିଦିଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ସିଧାସଳଖ ପାଣ୍ଠି ସ୍ଥାନାନ୍ତର ହୋଇପାରିବ । ତେଣୁ ୧୨ ହଜାର ଗୋଷ୍ଠୀ କ୍ୟାଡର୍‌ଙ୍କୁ ଟାବ୍‌ଲେଟ୍ ପ୍ରଦାନ କରାଯାଇଛି । ବିହାରର ପ୍ରାୟ ୨୦ ଲକ୍ଷରୁ ଅଧିକ ମହିଳା ଏହି କାର୍ଯ୍ୟକ୍ରମରେ ସାମିଲ ହେବେ ।

## ଜଳଜୀବନ ମିଶନ୍

କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍ କହିଛନ୍ତି, ସ୍ୱଚ୍ଛ ଭାରତ ମିଶନ୍ ଗ୍ରାମାଞ୍ଚଳ ଗ୍ରାମୀଣ ଏବଂ ଜଳଜୀବନ ମିଶନ୍ ଦେଶକୁ ସ୍ଥାୟୀ ପରିମଳ ଏବଂ ଜଳସୁରକ୍ଷା ଲକ୍ଷ୍ୟ ପୁରଣ ଦିଗକୁ ନେଉଛି । ଗତକାଲି ନୂଆଦିଲ୍ଲୀରେ ସ୍ୱଚ୍ଛ ଭାରତ ମିଶନ୍ ଗ୍ରାମୀଣ ଉପରେ ଏକ ସମ୍ମିଳନୀରେ ଶ୍ରୀ ପାଟିଲ୍ ସାମୂହିକ ସଫଳତାର ପ୍ରଶଂସା କରିବା ସହ ନବସୃଜନ, ଅପଚୟରୁ ଶକ୍ତି ଏବଂ ଜଳବାୟୁ ପ୍ରତିରୋଧି ପରିମଳ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ ଦେଶର ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ଜଳଜୀବନ ମିଶନ୍ ଅଧୀନରେ ନଳକୂପ ପାଣି ଯୋଗାଇ ଦିଆଯାଉଛି । ଖୋଲା ମଳତ୍ୟାଗ ମୁକ୍ତ ପ୍ଲସ୍ ମଡେଲ୍ ଗ୍ରାମୀଣ ପରିବାର ଗୁଡ଼ିକ ପାଇଁ ବଞ୍ଚିବାର ଗୁଣବତ୍ତା, ସ୍ୱାସ୍ଥ୍ୟ ଏବଂ ସମ୍ମାନ ନିଶ୍ଚିତ କରୁଛି ।

# ଡିପାର୍ଟମେଣ୍ଟ ଅଫ୍ ପୋଷ୍ଟ ଏମ୍‌ଓୟୁ

ଭାରତୀୟ ଡାକ ସେବା ବିଭାଗ ନୂଆଦିଲ୍ଲୀରେ ଇ.ଏସ୍.ଆର୍.ଆଇ. ଇଣ୍ଡିଆ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍ ସହିତ ଡିଜିପିନ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏକ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛି । ଡିଜିଟାଲ୍ ପୋଷ୍ଟାଲ୍ ଇଣ୍ଡେକ୍ସ ନମ୍ବର ବା ଡିଜିପିନ୍ ହେଉଛି ଏକ ଡିଜିଟାଲ୍ ଠିକଣା, ଯାହାଦ୍ୱାରା ବ୍ୟବହାରକାରୀଙ୍କୁ ସହଜରେ ଠାବ କରାଯାଇପାରିବ । ଏହି ବୁଝାମଣାପତ୍ର ଅଧୀନରେ ଡାକ ବିଭାଗ ଡିଜିପିନ୍ ପାଇଁ ଇ.ଏସ୍.ଆର୍.ଇ.ର ଉଚ୍ଚ କ୍ଷମତାଯୁକ୍ତ ରୋଡ୍ ମ୍ୟାପ୍ ଓ ଅନ୍ୟାନ୍ୟ ଆନୁସଙ୍ଗୀକ ତଥ୍ୟ ବ୍ୟବହାର କରିପାରିବ । ବୁଝାମଣାପତ୍ର ସ୍ୱାକ୍ଷର ପରେ ଡାକ ବିଭାଗର ପରିଚାଳନା ବୋର୍ଡ୍ ସଦସ୍ୟ ହର୍‌ପ୍ରୀତ ସିଂହ କହିଛନ୍ତି, ଡିଜିପିନ୍ ସହିତ ନାଗରୀକ ଏବଂ ସରକାରୀ ସେବାକୁ ଆହୁରି ସଠିକ୍ ଢଙ୍ଗରେ କାର୍ଯ୍ୟକାରୀ କରାଯିବ । ଭୌଗଳିକ ସୂଚନା ପ୍ରଣାଳୀ ଏବଂ ସଫ୍ଟୱାର୍ ମାଧ୍ୟମରେ ଡାକ ବିଭାଗ ଅଧିକ ଦକ୍ଷଶୀଳ ସେବା ପ୍ରଦାନ କରିବ ବୋଲି କୁହାଯାଇଛି ।

## ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶିକ୍ଷା ବ୍ୟବସ୍ଥାରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରଚଳନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଗତକାଲି ନୂଆଦିଲ୍ଲୀରେ ଜାତୀୟ ଶିକ୍ଷା ଗବେଷଣା ଏବଂ ତାଲିମ୍ ପରିଷଦ ଏନ୍.ସି.ଇ.ଆର୍.ଟି.ର ୬୫ତମ ପ୍ରତିଷ୍ଠା ଦିବସ ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଦେଶ ବ୍ୟାପି ଶିକ୍ଷାର ଗୁଣବତ୍ତା ଏବଂ ପାଠ୍ୟକ୍ରମ ବିକାଶକୁ ଆଗକୁ ନେବା ଲାଗି ଏନ୍.ସି.ଇ.ଆର୍.ଟି. ଉଦ୍ୟମ କରୁଛି । ଦେଶର ଶିକ୍ଷା କ୍ଷେତ୍ରରେ ଏନ୍.ସି.ଇ.ଆର୍.ଟି.ର ଭୂମିକାକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଛନ୍ତି ।

**V/O**

## ଡିଜିସିଏ-ଏଆଇଏସ୍‌ଏଟିଏସ୍

ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ – ଡି.ଜି.ସି.ଏ. ପ୍ରଥମଥର ପାଇଁ ଏଆର୍ ଇଣ୍ଡିଆ ସାଟସ୍ ବିମାନ ବନ୍ଦର ସେବା ପ୍ରାଇଭେଟ୍ ଲିମିଟେଡ୍‌କୁ ସୁରକ୍ଷା ମଞ୍ଜୁରୀ ପ୍ରଦାନ କରିଛି । ଆନ୍ତର୍ଜାତିକ ବିମାନ ଚଳାଚଳ ସଂଗଠନର ମାର୍ଗଦର୍ଶିକା ସହିତ ସମାନ ଢାଞ୍ଚାରେ ଏଭଳି ସୁରକ୍ଷା ମଞ୍ଜୁରୀ ପ୍ରଦାନ କରିବାରେ ଏସୀୟ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ

ମାଲେସିଆ ପରେ ଭାରତ ଦ୍ୱିତୀୟ ଦେଶ ହୋଇଛି । ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି, ଭାରତରେ ସୁରକ୍ଷା ପରିଚାଳନା ପ୍ରଣାଳୀକୁ ସୁଦୃଢ଼ କରିବାରେ ଏହି ମଞ୍ଜୁରୀ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ।

## ରେଲୱେ-ଏସ୍‌ବିଆଇ ଏମ୍‌ଓୟୁ

ଦେଶରେ ରେଳବାଇ କର୍ମଚାରୀମାନଙ୍କୁ ବିମା ଜନିତ  ଫାଇଦା ଦେବା ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ନୂଆଦିଲ୍ଲୀରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଷ୍ଟେଟ୍‌ବ୍ୟାଙ୍କ୍ ଅଧ୍ୟକ୍ଷ ସି.ଏସ୍. ସେଟ୍ଟୀଙ୍କ ଉପସ୍ଥିତି ଉପରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ସୂଚନା ଅନୁଯାୟୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ସହ ଦରମା ଆକାଉଣ୍ଟ ରଖୁଥିବା ରେଳ କର୍ମଚାରୀଙ୍କ ପାଇଁ ବୀମା କଭରେଜ୍ ବୃଦ୍ଧି କରାଯାଇଛି । ଦୁର୍ଘଟଣା ଜନିତ ମୃତ୍ୟୁ କ୍ଷେତ୍ରରେ କେନ୍ଦ୍ର ସରକାରୀ କର୍ମଚାରୀ ଗୋଷ୍ଠୀ ବିମା ଯୋଜନାରେ ଅନ୍ତର୍ଭୁକ୍ତ ଗ୍ରୁପ୍-ଏ କର୍ମଚାରୀଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା, ଗ୍ରୁପ୍-ବିର କର୍ମଚାରୀଙ୍କୁ ୬୦ ହଜାର ଟଙ୍କା ଏବଂ ଗ୍ରୁପ୍-ସିର କର୍ମଚାରୀଙ୍କୁ ମିଳୁଥିବା ୩୦ ହଜାର ଟଙ୍କାକୁ ୧ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଅନ୍ୟ ପକ୍ଷରେ ଷ୍ଟେଟ୍ ବ୍ୟାଙ୍କ୍‌ରେ ଦରମା ଆକାଉଣ୍ଟ ଥିବା ରେଳ କର୍ମଚାରୀମାନେ କୌଣସି ପ୍ରିମିୟମ୍ ପ୍ରଦାନ ନ କରି ୧୦ ଲକ୍ଷ ଟଙ୍କାର ପ୍ରାକୃତିକ ମୃତ୍ୟୁ ଜନିତ ବୀମା କଭରେଜ୍ ଲାଭ ପାଇବେ ।

# ପିଏମ୍-ପଞ୍ଜାବ ସିଏମ୍

ସଂପ୍ରତି ପଞ୍ଜାବରେ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତି ଉପରେ ପ୍ରଧାନମନ୍ତ୍ରୀ ମୋଦୀ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍‌ଙ୍କ ସହ ଆଲୋଚନା କରିଛନ୍ତି । ଗତକାଲି ଚୀନ୍‌ରୁ ଫେରିବା ପରେ ଶ୍ରୀ ମୋଦୀ ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ ସହ ଫୋନ୍ ଯୋଗେ ବାର୍ତ୍ତାଳାପ କରିଥିଲେ ଏବଂ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ । ପଞ୍ଜାବକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ସାହାଯ୍ୟ ଓ ସମର୍ଥନ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କୁ କହିଥିବା ଜଣାପଡ଼ିଛି ।

# ଏସିଆକପ୍ ଫାଇନାଲ୍

ବିହାରର ରାଜଗିରିରେ ଚାଲିଥିବା ପୁରୁଷ ଏସିଆକପ୍ ହକି ଚାମ୍ପିୟନ୍‌ସିପ୍‌ର ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ କ୍ରମାଗତ ତୃତୀୟଥର ଲାଗି ବିଜୟ ହାସଲ କରିଛି । କାଜାଖସ୍ତାନକୁ ଭାରତ ୧୫-୦ ଗୋଲ୍‌ରେ ପରାସ୍ତ କରିଛି । ଅଭିଶେକ ୭ଟି ଗୋଲ୍ ଦେଇଥିବା ବେଳେ ସୁଖଜୀତ ସିଂହ ୩ଟି ଓ ଅଧିନାୟକ ହରମନପ୍ରୀତ ସିଂହ ୨ଟି ଗୋଲ୍ ଦେଇଥିଲେ । ଏହି ବିଜୟ ସହ ଭାରତ ପୁଲ୍-ଏରେ ୯ ପଏଣ୍ଟ ସହିତ ତାଲିକାର ଶୀର୍ଷକୁ ଉନ୍ନିତ ହୋଇଛି ।

# ୟୁଏସ୍ ଓପନ୍ ଟେନିସ୍

ୟୁଏସ୍ ଓପନ୍ ଟେନିସ୍ ପ୍ରତିଯୋଗିତାରେ ନୋଭାକ୍ ଜୋକୋଭିଚ୍ ଆଜି ଆର୍ଥର୍ ଆସେ ଷ୍ଟୋଡିୟମ୍‌ରେ କ୍ୱାର୍ଟର୍ ଫାଇନାଲ୍‌ରେ ଟେଲର୍ ଫ୍ରିଜ୍‌ଙ୍କ ସହ ମୁକାବିଲା କରିବେ । ଜୋକୋଭିଚ୍ ୨୪ଥରର ଗ୍ରାଣ୍ଡସ୍ଲାମ୍ ଚାମ୍ପିୟନ୍ ଜର୍ମାନ୍‌ର ଜାନ୍ ଲେନାର୍ଡ୍ ଷ୍ଟ୍ରଫ୍‌ଙ୍କୁ ୬-୩, ୬-୩, ୬-୨ରେ ପରାସ୍ତ କରିଛନ୍ତି । ଜୋକୋଭିଚ୍ ଗୋଟିଏ ସିଜିନ୍‌ରେ ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତାରେ କ୍ୱାର୍ଟର୍ ଫାଇନାଲ୍‌ରେ ପହଞ୍ଚିଥିବା ସବୁଠାରୁ ବୟସ୍କ ଖେଳାଳି ବିବେଚିତ ହୋଇଛନ୍ତି ।

ମହିଳା ସିଙ୍ଗଲ୍ସରେ ଦୁଇଥରର ଚମ୍ପିୟାନ୍ ନାଓମି ଓସାକା ବିଶ୍ୱର ତିନି ନମ୍ବର କୋକୋ ଗଫ୍‌ଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲ୍‌ରେ ପହଞ୍ଚିଛନ୍ତି । ସେ ୬-୩, ୬-୨ରେ ଗଫ୍‌ଙ୍କୁ ପରାସ୍ତ କରି ଶେଷ ୮ ଜଣଙ୍କ ମଧ୍ୟରେ ସାମିଲ ହୋଇଛନ୍ତି । ଆସନ୍ତା ବୁଧବାର ଦିନ କ୍ୱାର୍ଟର ଫାଇନାଲ୍‌ରେ ନାଓମି ଓସାକା ଏବଂ ଚେକ୍ ଗଣରାଜ୍ୟର କାରୋଲିନା ମୁଚୋଭାଙ୍କ ମଧ୍ୟରେ ମୁକାବିଲା ହେବ ।